# ପୃଥିବୀର ଭବିଷ୍ୟତ

Edited by M. Gayatri

ପୃଥିବୀର ସୂର୍ଯ୍ୟ ଚାରିପାଖରେ ଘୂର୍ଣାୟମାନ ଏକ ଉଦ୍ଦେଶ୍ୟବିହୀନ ଲକ୍ଷ୍ୟ ନୁହେଁ। ବ୍ୟକ୍ତି ଏବଂ ଜଗତ ଉଭୟେ ପୂର୍ଣ୍ଣାଙ୍ଗ ସତ୍ୟର ଆଂଶିକ ପ୍ରକାଶ। ସେମାନଙ୍କର ଏକ ରହସ୍ୟମୟ ଉଦ୍ଦେଶ୍ୟ ରହିଛି, ଏକ ସ୍ବର୍ଣ୍ଣାବ ବିଜୟାତ୍ମକ ଆଧ୍ୟାତ୍ମିକ ଭବିଷ୍ୟତ ରହିଛି। ଦିବ୍ୟ ସୌଭାଗ୍ୟ ଏବଂ ଆନନ୍ଦମୟ ପୂର୍ଣ୍ଣତାର ପରିପ୍ରକାଶ ନିମନ୍ତେ ଅପେକ୍ଷା କରିଛି।ଏଠାରେ ବ୍ୟକ୍ତି ଏବଂ ଜଗତ ଆତ୍ମ ପ୍ରସାରଣ ଏବଂ ଆତ୍ମ ସଙ୍କେନ୍ଦ୍ରଣର କ୍ରମବର୍ଦ୍ଧିଷ୍ଣୁ ଅଭିବୃଦ୍ଧି। ଏହି ପୃଥିବୀରେ ଯଦି ଅସାମର୍ଥ୍ୟତା, ଦୁଃଖ ଏବଂ ସଂଘର୍ଷ ଲାଗି ରହିଥାଏ ତେବେ ତାହାର କାରଣ ହେଲା ଆମର ସୀମିତ ଚେତନା ଏବଂ ବ୍ୟକ୍ତିର ଆତ୍ମା, ପ୍ରକୃତି ଓ ଜଗତ ସହିତ ତ୍ରୁଟିପୂର୍ଣ୍ଣ ସମ୍ପର୍କ। ତେଣୁ ଏହି ସୀମିତ ଚେତନା ଏବଂ ସୀମିତ ଅହଙ୍କାର ମଣିଷ ଜୀବନକୁ ସଂକୀର୍ଣ୍ଣ, ଭଗ୍ନ ଏବଂ ସୀମିତ କରିରଖେ ଏବଂ ସେ ନିଜକୁ ଏକ ଶାଶ୍ୱତ ଉତ୍ସ ଆଡ଼କୁ ଖୋଲି ଧରିପାରେ ନାହିଁ। ପରିବର୍ତ୍ତନଶୀଳ ବ୍ୟକ୍ତିର ଆସକ୍ତି, ସଂକୀର୍ଣ୍ଣତା, ଅସଂଗତି ଏବଂ କଳହ ଆଡ଼କୁ ଜୀବନକୁ ନେଇ ଯାଇଥାଏ। ଅହଙ୍କାରର ସୀମିତ ଚେତନାର ରୂପାନ୍ତର ସମ୍ଭବ, ଯେତେବେଳେ ଆମର କେନ୍ଦ୍ରୀୟ ଚିନ୍ତନ ଏକ ନୈର୍ବ୍ୟକ୍ତିକ ଜ୍ଞାନ ଏବଂ ଆତ୍ମାର ଏକତ୍ୱ ମଧ୍ୟରେ ପ୍ରତିଷ୍ଠିତ ହୋଇଥାଏ। ଯଦ୍ଦ୍ୱାରା ଚେତନା ଏକ ବିଶ୍ୱାତୀତ ଏବଂ ବିଶ୍ୱଗତ ସାମଗ୍ରିକତାକୁ ପ୍ରାପ୍ତ ହୁଏ।

ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟ ପୁସ୍ତକରେ ଏକ ପବିତ୍ର ପୃଥିବୀର ସ୍ବପ୍ନ (Vision) ଦେଖିଛନ୍ତି। ସେ ଘୋଷଣା କରିଛନ୍ତି ଯେ "Heaven's joys might have been earth's if earth were pure." (Savitri-123) ଅର୍ଥାତ୍ ସ୍ୱର୍ଗର ସୁଖ ପୃଥିବୀ ଧାରଣ କରିବା ପାଇଁ ସମର୍ଥ ହେବ ଯେତେବେଳେ ଏହି ପୃଥିବୀ ସ୍ୱର୍ଗ ପରି ପବିତ୍ର ହୋଇଉଠିବ କିମ୍ବା "The virgin forms through which the Formless shines." (Savitri-327) ଅର୍ଥାତ୍ ପୃଥିବୀର ପବିତ୍ର ସ୍ୱରୂପ ମଧ୍ୟଦେଇ ଅସୀମଙ୍କ ତେଜ ପ୍ରଜ୍ୱଳିତ ହେବ। ତେଣୁ ମଣିଷର ସଚେତନ ସହାୟତା ଦ୍ୱାରା ପୃଥିବୀ ତାର ପବିତ୍ରତାକୁ ଫେରିପାଇବ। ଏହାର ପ୍ରଥମ ପଦକ୍ଷେପ ହେଲା :-

i. ପୃଥିବୀର ଏକାଧିକ ସ୍ଥାନ ସାମୂହିକ ଦିବ୍ୟକେନ୍ଦ୍ରମାନ ଗଢିଉଠିବ ଯାହାର ଅନ୍ତେବାସୀମାନେ ବେଦର ଭାଷାରେ "ନିଶ୍ଚିତ" ଭାବରେ ଏବଂ ସ୍ୱାଧୀନ ଭାବରେ ଶାଶ୍ୱତ ସୂର୍ଯ୍ୟାଲୋକ ମଧ୍ୟରେ ବିଚରଣ କରିପାରିବେ। ଏହି ସନ୍ଦର୍ଭରେ ସାବିତ୍ରୀଙ୍କ ଚରିତ୍ରର ୨୧ଟି ବୈଭବ ଉପସ୍ଥାପନା କରାଯାଇଛି। ଏହା ଏକାଧିକ ଜନ୍ମର ସାଧନା ଦ୍ୱାରା ଜଣେ ପୂର୍ଣ୍ଣାଙ୍ଗ ପବିତ୍ରତା (Integral Virginity) କୁ ପ୍ରାପ୍ତ ହୋଇପାରିବ।

1.କ୍ଷୁଦ୍ର ପାର୍ଥିବ ସୁଖ ପ୍ରତି ଉଦାସୀନ।

2. ମଣିଷର ଯାତ୍ରା ପଥରେ ଅତୀତ ହେଉଛି ଏକ ପ୍ରତିବନ୍ଧକ ତେଣୁ ସାବିତ୍ରୀ ନିଜ ଆତ୍ମଶକ୍ତି ଦ୍ୱାରା ନିଜ ତାମସିକ ଓ ରାଜସିକ ଅସ୍ତିତ୍ୱର ଅତୀତକୁ ଦୂରୀଭୂତ କରିଥିଲେ।

3. ଅନ୍ନମୟ ପୁରୁଷ ଉନ୍ମୋଚନ ଦ୍ୱାରା ଶରୀର ଆନନ୍ଦ ଆତ୍ମା ଆନନ୍ଦ ଭଳି ବିସ୍ତୃତ ହୋଇଯାଏ। ଏହାଦ୍ୱାରା ଶରୀରର ଶୁଦ୍ଧିକରଣ ହୁଏ।

4. ସାବିତ୍ରୀଙ୍କ ମନର ଉଚ୍ଚାଭିଳାସ, କାମନା ଏବଂ ବାସନାର ରୂପାନ୍ତର।

5. ଦେହାଧାରୀ ସତ୍ୟସନ୍ଧାନୀ ଆତ୍ମାକୁ ପାଇବା ପର୍ଯ୍ୟନ୍ତ ତା' ପାଇଁ ବିଶ୍ରାମ ଏବଂ ପାର୍ଥିବ ସୁଖ ନିଷିଦ୍ଧ ଅଟେ।

6.ପ୍ରାଣମୟ ପୁରୁଷ ଉନ୍ମୋଚନ ହେବାପରେ ଇନ୍ଦ୍ରୀୟମାନେ ଏକ ପବିତ୍ର ଆନନ୍ଦର ପୃଥିବୀକୁ ଗଢନ୍ତି ଏବଂ ଜଣେ ପ୍ରାଣମୟ ଶୁଦ୍ଧତାକୁ ପ୍ରାପ୍ତ ହୁଏ।

7. ସବୁ ପ୍ରକାର ଅର୍ଦ୍ଧ ଆଲୋକ ଏବଂ ଅର୍ଦ୍ଧ ଅନ୍ଧକାର ମିଶା ଚିନ୍ତନରୁ ମୁକ୍ତ।

8. ନିଜ ମଧ୍ୟରେ ସବୁ ଚିନ୍ତାକୁ ପ୍ରତ୍ୟାହାର କରି ଭଗବାନଙ୍କ ଶୂନ୍ୟତାରେ ପରିଣତ ହୁଏ।

9.ଅନ୍ତର୍ଚେତନାର ଯାତ୍ରା ମଧ୍ୟରେ ସମୟର ମୂଲ୍ୟ ବହୁଗୁଣିତ ହୋଇଥାଏ ଏବଂ ବାହ୍ୟ ଜଗତର ଗତିବିଧି ସୀମିତ ହୋଇପଡେ ଏବଂ ଏହାଦ୍ୱାରା ତାର ସୂକ୍ଷ୍ମମନ ମଧ୍ୟରେ ଥିବା ଆତ୍ମାର ଉନ୍ମୋଚିତ ହୁଏ ଏବଂ ସେ ମନଗତ ପବିତ୍ରତାକୁ ପ୍ରାପ୍ତ ହୁଏ।

10.ଚୈତ୍ୟ ପୁରୁଷର ଉନ୍ମୋଚନ ଦ୍ୱାରା ପରମମାତା ହୃଦୟକେନ୍ଦ୍ରରେ ବାସ କରନ୍ତି।

11. ଚୈତ୍ୟ ପୁରୁଷ ଉନ୍ମୁକ୍ତ ହେଲେ ସାଧାରଣ ଅତି ଛୋଟ କର୍ମ ମଧ୍ୟ ସମର୍ପଣ ଦ୍ୱାରା ଦିବ୍ୟକର୍ମରେ ପରିଣତ ହୁଏ ଓ ସେ ଆତ୍ମାକୁ ଭଗବାନଙ୍କୁ ଦିଏ ଏବଂ ପ୍ରତ୍ୟେକ ବ୍ୟକ୍ତି ଭିତରେ ଥିବା ଭଗବାନଙ୍କର ଦାସରେ ପରିଣତ ହୁଏ।

12. ସେ ବିଶ୍ୱଜନନୀଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି କେବଳ ତାଙ୍କର ନିର୍ଦ୍ଦେଶକୁ ମାନେ।

13. ବ୍ରହ୍ମସତ୍ୟ ଜଗତମିଥ୍ୟା ଉପଲବ୍ଧି ହୁଏ ଏବଂ ଆଧ୍ୟାତ୍ମିକ ଆତ୍ମାର ଉନ୍ମୋଚନ ଘଟେ।

14.ଯେଉଁ ଜଗତ ଅସତ୍ୟ ପ୍ରତୀୟମାନ ହେଉଛି ସେ ବ୍ରହ୍ମଙ୍କ ଠାରୁ ସୃଷ୍ଟି ଏହି ଉପଲବ୍ଧି ହୁଏ।

15. ବ୍ରହ୍ମସତ୍ୟ ଜଗତସତ୍ୟ ଉପଲବ୍ଧି ହୁଏ ଏବଂ ଜଣେ ବିଶ୍ୱଆତ୍ମାଙ୍କୁ ପ୍ରାପ୍ତ ହୁଏ।

16. ଅତିମାନସ ଆତ୍ମା ଉନ୍ମୋଚନ ହେବାଦ୍ବାରା ଶିରା ପ୍ରଶିରାରେ ଏକ ଅଦୃଶ୍ୟ ସୂର୍ଯ୍ୟାଲୋକର ଅନୁପ୍ରବେଶ ଘଟେ ଯାହାକୁ ତାର କୋଷ, ସ୍ନାୟୁ ଓ ଶିରାପ୍ରଶିରାର ରୂପାନ୍ତର କରାଏ ଏବଂ ତାର ଆଧାରକୁ ଏକ ବିଶାଳତା ଆଡ଼କୁ ନେଇଯାଏ।

17. ଅବଚେତନ ମଧ୍ୟରେ ଥିବା ଅବଚେତନ ଆତ୍ମାର ଉନ୍ମୋଚନ ଯିଏକି ଏକ ଅନ୍ଧକାର ମଧ୍ୟରେ ଶୋଇରହିଥାନ୍ତି। ଏହି ଆତ୍ମାଙ୍କର ଉନ୍ମୋଚନ ଏତେ ଅମୂଲ୍ୟ ଯେ ତା'ର ପ୍ରଭାବରେ ପୃଥିବୀ ରକ୍ଷା ପାଇପାରେ।

18. ଅତିମାନସ ଶକ୍ତିର ପ୍ରଭାବରେ ନିଶ୍ଚେତନ ମଧ୍ୟରେ ଥିବା ଆତ୍ମା ଉନ୍ମୋଚନ ହୁଏ ଯାହା ଉନ୍ମୋଚିତ ହେଲେ ପାର୍ଥିବ ସମସ୍ୟାର ଏକ ବିଶାଳ ସମାଧାନ ସମ୍ଭବ ହୁଏ।

19. ଆନନ୍ଦମୟ ପୁରୁଷ ଉନ୍ମୋଚନ ହେବାଦ୍ବାରା ପ୍ରତ୍ୟେକ ବସ୍ତୁ ଭିତରେ ସର୍ବ ସୌନ୍ଦର୍ଯ୍ୟଙ୍କ ଅଭିବ୍ୟକ୍ତ ହୁଏ।

20. ଆନନ୍ଦମୟ ପୁରୁଷ ଉନ୍ମୋଚନ ହେବାଦ୍ୱାରା ପ୍ରତ୍ୟେକ ବସ୍ତୁ ଭିତରେ ସର୍ବ ପ୍ରେମର ଅଭିବ୍ୟକ୍ତ ହୁଏ।

21. ସେହି ଆନନ୍ଦମୟ ପୁରୁଷ ଉନ୍ମୋଚନ ହେବା ଦ୍ୱାରା ପ୍ରତ୍ୟେକ ବସ୍ତୁ ଭିତରେ ସର୍ବ ଆନନ୍ଦଙ୍କର ଅଭିବ୍ୟକ୍ତ ହୁଏ।

ତେଣୁ ସତ୍ୟସନ୍ଧାନୀ ଆତ୍ମା ପାଇଁ ପ୍ରଥମ ନଅଟି ପବିତ୍ରତା ଅପରିହାର୍ଯ୍ୟ ଅଟେ ଏବଂ ପରବର୍ତ୍ତୀ ବାରଟି ପବିତ୍ରତା ଏକ ଉଚ୍ଚତର ଜଗତର ଉନ୍ମୋଚନ ଦ୍ୱାରା କ୍ରିୟାଶୀଳ ହୋଇଥାଏ।

ବିଜ୍ଞାନ ଏହି ଜଗତକୁ, ଆତ୍ମାକୁ ଭୁଲି ଏବଂ ଜଡ ମଧ୍ୟରେ ଥିବା ଏକତ୍ୱକୁ ଭୁଲି ଏକ ଭୟଙ୍କର ବାସସ୍ଥାନରେ ପରିଣତ କରିଛି। ଆଧ୍ୟାତ୍ମିକ ଶକ୍ତି ଏହି ବିଷକୁ ପାନକରି ତା' ମଧ୍ୟରେ ଶାଶ୍ୱତଙ୍କ ସ୍ପନ୍ଦନ ଭରିଦେଇପାରେ ଏବଂ ପୃଥିବୀକୁ ସ୍ୱର୍ଗର ନିକଟବର୍ତ୍ତୀ କରାଏ। ପୃଥିବୀ ଏକ ବିଚ୍ଛିନ୍ନ ତାମସିକ ବସ୍ତୁ ଭାବରେ ପରିଣତ ନ ହୋଇ ଏକ ଅତିମାନସ ବିଜ୍ଞାନମୟ ଶକ୍ତିକୁ ଧାରଣ କରିଥାଏ।

**Recapitulation କିମ୍ବା ସାଧକ ମାନଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ:-**

ଶ୍ରୀଅରବିନ୍ଦଙ୍କର ଦିବ୍ୟକର୍ମକୁ ପୂର୍ଣ୍ଣ କରିବା ପାଇଁ ସେ ୧୦୦ଟି ପରିପୂର୍ଣ୍ଣ ଯନ୍ତ୍ର ଭଗବାନଙ୍କୁ ମାଗିଥିଲେ। ସାବିତ୍ରୀ ମହାକାବ୍ୟରେ ଏହି ମହାନ୍ ଆତ୍ମାମାନଙ୍କୁ ନିର୍ଜ୍ଜନତା ମଧ୍ୟରେ ଯାତ୍ରା କରିବା ପାଇଁ ନିର୍ଦ୍ଦେଶ ରହିଛି। ସେମାନେ ନିଜପରି ଆତ୍ମା ମାନଙ୍କୁ ସୃଷ୍ଟି କରିବାରେ ସମୟ ନଷ୍ଟ ନ କରି ନିଜର ଆତ୍ମ ସଙ୍କେନ୍ଦ୍ରଣ, ଅନ୍ତରର ଯାତ୍ରା ଏବଂ ଜଗତର ରୂପାନ୍ତର ନିମନ୍ତେ ସମୟ ଦେବାପାଇଁ ନିର୍ଦ୍ଦେଶାବଳୀ ରହିଛି। ଯୋଗ ସମନ୍ୱୟ ପୁସ୍ତକରେ ଏହି ବିକଶିତ ଆତ୍ମାମାନଙ୍କୁ ନିର୍ଦ୍ଦେଶ ରହିଛି ଯେ ସେମାନେ ଦିବ୍ୟକେନ୍ଦ୍ରର ଏକ ଧୀର ସାମୂହିକ ବିବର୍ତ୍ତନ ମଧ୍ୟରେ ବାନ୍ଧି ନ ହୋଇ ଏକ ଦ୍ରୁତ ବିବର୍ତ୍ତନ ଦ୍ୱାରା ଭଗବାନଙ୍କ ସହ ଏକ ପ୍ରତ୍ୟକ୍ଷ ସମ୍ପର୍କ ଗଢି ତୋଳନ୍ତି। ସାବିତ୍ରୀ ମହାକାବ୍ୟରେ ପୁଣି ବିକଶିତ ଆତ୍ମା ଓ ବିକାଶଶୀଳ ଆତ୍ମା ମଧ୍ୟରେ ଫାଟ ସୃଷ୍ଟି ନ କରି ନିଜ ଦ୍ରୁତ ବିବର୍ତ୍ତନକୁ ସାମୂହିକ ଜୀବନରେ ଧୀର ବିବର୍ତ୍ତନ ସହିତ କର୍ମଯୋଗ ଏବଂ ଦାସ୍ୟଭାବ ଦ୍ୱାରା ଯୋଡିବାକୁ ନିର୍ଦ୍ଦେଶ ରହିଛି। ପୁଣି ବିକଶିତ ଆତ୍ମାମାନେ ବିକାଶଶୀଳ ଆତ୍ମା ମାନଙ୍କର ଦୁଃଖ, ଯନ୍ତ୍ରଣା ପ୍ରତି ଉଦାସୀନ ନ ହୋଇ ଏବଂ ସେମାନଙ୍କୁ ଆଧ୍ୟାତ୍ମିକ ସ୍ୱାଧୀନତା ଆଡ଼କୁ ସମସ୍ତଙ୍କୁ ତୋଳି ଧରନ୍ତି । ସତ୍ୟବାନ ହେଉଛନ୍ତି ପୃଥିବୀର ପ୍ରଥମ ମଣିଷ ଓ ପ୍ରଥମ ଅବତାର ଏବଂ ସେ ଚେତନାର ସିଢିରେ ପ୍ରଥମେ ଆରୋହଣ କରିବାର ଉପଲବ୍ଧି କରିଥିଲେ। ସେହିପରି ସାବିତ୍ରୀ ହେଲେ ପୃଥିବୀର ପ୍ରଥମ ନାରୀ ଓ ପ୍ରଥମ ଅବତାର , ଯିଏକି ଚେତନାର ସିଢ଼ିରେ ଶକ୍ତିର ଅବତରଣ କରିବାକୁ ସମର୍ଥ ହୋଇଥିଲେ।

ସାବିତ୍ରୀ ଓ ସତ୍ୟବାନ ପରବର୍ତ୍ତୀ ଅବତାର ଓ ବିଭୂତି ଭାବରେ ଅବତୀର୍ଣ୍ଣ ହୋଇ ଚେତନାର ବିବିଧ ଗତିକୁ ତ୍ୱରାନ୍ୱିତ କରିଥିଲେ। ପ୍ରତ୍ୟେକ ଜନ୍ମରେ ସେମାନଙ୍କର ସୂକ୍ଷ୍ମ ଓ କାରଣ ଶରୀର ଅଧିକରୁ ଅଧିକ ଦିବ୍ୟ ମିଳନକୁ ଅନୁଭବ କରି ତା'ର ପ୍ରଭାବକୁ ସ୍ଥୂଳ ଶରୀର ମଧ୍ୟରେ ଅନୁପ୍ରବେଶ କରାଇଥିଲେ। ସେମାନେ ଯେତେବେଳେ ଶେଷ ଅବତାର ଭାବେ ପୃଥିବୀରେ ଆବିର୍ଭାବ ହେବେ ସେତେବେଳେ "Mother of evil" ଏହା ତା ନିଜର ନିଶ୍ଚେତନାର ଗୃହରେ ବିଲୀନ ହୋଇଯିବ। ତେଣୁ ଦିବ୍ୟଶକ୍ତିର ପୂର୍ଣ୍ଣ ଅବତରଣ ଦ୍ୱାରା ଏଠାରେ ଯନ୍ତ୍ରଣା, ଅଜ୍ଞାନତା, ଅସତ୍ୟ ଏବଂ ମୃତ୍ୟୁର ପରିସମାପ୍ତି ଘଟିବ। ତେଣୁ ଶେଷ ଅବତାର ପୃଥିବୀର ଦୁର୍ଭାଗ୍ୟର ଚକକୁ ଭାଙ୍ଗିବା ପାଇଁ ସମର୍ଥ ହୋଇଥାନ୍ତି ଏବଂ ସେତେବେଳେ ପୃଥିବୀର ମଣିଷମାନେ ପୂର୍ଣ୍ଣଯୋଗର ଶେଷସିଦ୍ଧି "True Supreme"ଙ୍କୁ ପ୍ରାପ୍ତ ହୁଅନ୍ତି ଯାହାକି ମଣିଷକୁ ଜ୍ଞାନ ଓ ଅମରତ୍ୱ ପ୍ରଦାନ କରେ।

ସାବିତ୍ରୀ ନିଜ ପ୍ରଭୁ ସତ୍ୟବାନଙ୍କୁ ଅନ୍ୱେଷଣ କରିବା ସମୟରେ ୧୨ ପ୍ରକାରର ଆଧ୍ୟାତ୍ମିକ ମଣିଷମାନଙ୍କୁ ଭେଟିଥିଲେ। ଯେଉଁମାନେ ସାବିତ୍ରୀଙ୍କ ପ୍ରେମକୁ ଧାରଣ କରିବା ପାଇଁ ଅସମର୍ଥ ଥିଲେ। ସାବିତ୍ରୀଙ୍କ ଦିବ୍ୟପ୍ରେମ କୁ ଧାରଣ କରିବାର ସର୍ତ୍ତ ହେଲା ପ୍ରକୃତି ଓ ଆତ୍ମା ସମାନ ଭାବରେ ଦିବ୍ୟ ଉପସ୍ଥିତିକୁ ନେଇ ବିଭାବନ୍ତ କିମ୍ବା ତାଙ୍କ ମଧ୍ୟରେ ଭଗବାନ ଓ ପ୍ରକୃତି, ଏକତ୍ୱକୁ ଉପଲବ୍ଧି କରିଥାନ୍ତି। ଦିବ୍ୟପ୍ରେମର ଏହି ସର୍ତ୍ତକୁ ପାଳନ କରିବା ପାଇଁ ଏକ ଆତ୍ମାକୁ ୧୦୦୦ ବର୍ଷର ପ୍ରସ୍ତୁତି ଆବଶ୍ୟକ ହୋଇଥାଏ। ତେଣୁ ଏକ ସାଧକ ନିଜର ସୀମିତତା ଭିତରେ ସଚେତନ ହୋଇ ନିଜର ସପ୍ତ ଅଜ୍ଞାନତା, ସପ୍ତ ଦୁଃଖ, ସପ୍ତ ବିକାର ଏବଂ ସପ୍ତ ପାପକୁ ଦୂରୀଭୂତ କରିବା ନିମନ୍ତେ ଯତ୍ନଶୀଳ ହୁଅନ୍ତି।

**<u>ସାଧକର ସପ୍ତର ଅଜ୍ଞାନତା ହେଲା:-</u>**

i. Original ignorance (ମୂଳ ଅଜ୍ଞାନତା):-

ମୂଳଉତ୍ସ ଅତିମାନସ ଆତ୍ମା ଓ ଆନନ୍ଦମୟ ଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ମୂଳ ଅଜ୍ଞାନତା।

ii. Cosmic Ignorance (ବିଶ୍ୱଗତ ଅଜ୍ଞାନତା):-

ଆଧ୍ୟାତ୍ମିକ ଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ବିଶ୍ୱଗତ ଅଜ୍ଞାନତା।

iii. Egoistic Ignorance (ଅହଂଗତ ଅଜ୍ଞାନତା):-

ବିଶ୍ୱଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ଅହଂଗତ ଅଜ୍ଞାନତା।

iv. Temporal Ignorance (ପାର୍ଥିବ ଅଜ୍ଞାନତା):-

ଚୈତ୍ୟପୁରୁଷଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ପାର୍ଥିବ ଅଜ୍ଞାନତା।

v. Psychological Ignorance(ମନସ୍ତାତ୍ତ୍ୱିକ ଅଜ୍ଞାନତା):-

ସୁକ୍ଷ୍ମମନ, ସୁକ୍ଷ୍ମପ୍ରାଣ, ସୂକ୍ଷ୍ମଶରୀର ମଧ୍ୟରେ ଥିବା ଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ମନସାତ୍ତ୍ୱିକ ଅଜ୍ଞାନତା।

vi. Constitutional Ignorance (ଗଠନମୂଳକ ଅଜ୍ଞାନତା):-

ଅବଚେତନ ଓ ନିଶ୍ଚେତନ ଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ଗଠନମୂଳକ ଅଜ୍ଞାନତା।

Vii. Practical Ignorance (ବ୍ୟବହାରିକ ଅଜ୍ଞାନତା):-

ଉପରୋକ୍ତ ୧୦ଟି ଆତ୍ମାଙ୍କୁ ନ ଜାଣି ଜୀବନ ବଞ୍ଚିବା ହେଲା ବ୍ୟବହାରିକ ଅଜ୍ଞାନତା।

**ସାଧକର ସପ୍ତଦୁଃଖ ହେଲା (From Savitri, Book-7, Canto-4):-**

i. Memory of “beauty of sadness”
ii. Ancient strain of tears
iii. World’s agony
iv. Sorrow and struggle in all Time
iv. Anguished music
v. Deep sorrowful compassion towards bereaved souls.
vii. Patient gaze and patient prayer that does not reach heaven

**ସାଧକର ସପ୍ତବିକାର ହେଲା:-**

i. Hatred(ଘୃଣା)

ii. Disliking(ଅନାଦର ମନୋଭାବ)

iii. Scorn(ଉପହାସ)

iv. Repulsion(ପ୍ରତିକର୍ଷଣ)

v. Clinging (ଅସତ୍ୟକୁ ଜାବୁଡ଼ି ଧରିବା)

vi. Attachment(ଆସକ୍ତ)

vii. Preference(ଅଭିରୁଚି)

ସାଧକର ପ୍ରଥମ ପାପ ହେଲା:- ନିଜ ଇଚ୍ଛାରେ କିଛି ହେବାପାଇଁ ଇଚ୍ଛା କରିବା। ଦିବ୍ୟଇଚ୍ଛା ଏହି ନିଜଇଚ୍ଛାକୁ କବଳାକୃତ କରିବା ଦ୍ୱାରା ସାଧକ ପ୍ରଥମ ପାପରୁ ମୁକ୍ତ ହୁଏ।

ଦ୍ୱିତୀୟ ପାପ ହେଲା:- ଭଗବାନ ହେଲେ ଅବିଭାଜିତ ତାଙ୍କୁ ବିଭାଜନ କରିବା ଏବଂ ସେ ହେଲେ ଅସୀମ ତାଙ୍କୁ ସସୀମତା ଭିତରେ ବାନ୍ଧି ରଖିବା।

ତୃତୀୟ ପାପଟି ହେଲା:- ତ୍ରୁଟିଶୂନ୍ୟ ଭଗବାନ ଏବଂ ତାଙ୍କ ଅଧାଗଢ଼ା ସୃଷ୍ଟି ମଧ୍ୟରେ ତ୍ରୁଟି ଦେଖିବା।

ଚତୁର୍ଥ ପାପଟି ହେଲା:- ବିଶ୍ୱଗତ ପ୍ରେମକୁ ଭୁଲି ଐକାନ୍ତିକ ସୁଖ ମଧ୍ୟରେ ଏକ ସ୍ୱାର୍ଥପର ଜୀବନ ବଞ୍ଚିବା।

ପଞ୍ଚମ ପାପଟି ହେଲା:- ମାନୁସୀ ପ୍ରେମ ଯାହାର ସଜ୍ଞା ହେଲା ଜଗତ, ଆତ୍ମା ଓ ଭଗବାନଙ୍କ ଠାରୁ ବିଚ୍ଛିନ୍ନ ହୋଇ ଯେଉଁ ଅସ୍ଥାୟୀ ସୁଖ ଭୋଗକରେ। ମାନୁସୀ ପ୍ରେମ ସାବିତ୍ରୀ ମହାକାବ୍ୟରେ ମୃତ୍ୟୁ ଓ ଅଜ୍ଞାନତା ଭିତରେ ସଂଗ୍ରାମ କରିବାର ଆସାମର୍ଥ୍ୟତା ସ୍ପଷ୍ଟ କରଯାଇଛି।

ଷଷ୍ଠ ପାପଟି ହେଲା:- ଆଧ୍ୟାତ୍ମିକତାର ଏକ ଦ୍ରୁତ ବିବର୍ତ୍ତନକୁ ଧର୍ମର ଧୀର ବିବର୍ତ୍ତନରେ ପରିଣତ କରିବା। ଏହାର ନିଦାନ ହେଉଛି ଭଗବାନଙ୍କ ସହ ପ୍ରତ୍ୟେକ ସମ୍ପର୍କକୁ ବ୍ୟକ୍ତ, ଅବ୍ୟକ୍ତ, ବିଶ୍ୱଗତ ଏବଂ ବିଶ୍ୱାତୀତ ସ୍ତରରେ ସମାନ ଭାବରେ ଉପଲବ୍ଧି କରିବା।

ସପ୍ତମ ପାପଟି ହେଲା:- ଆଧ୍ୟାତ୍ମିକ ଅହଙ୍କାର। ଆତ୍ମା ଓ ମାନବ ସମାଜର ଦାସ ହେବା ଦ୍ୱାରା ଏବଂ ସାଧାରଣ କର୍ମକୁ ବରଣ କରିବା ଦ୍ୱାରା ଆଧ୍ୟାତ୍ମିକ ଅହଙ୍କାରରୁ ମୁକ୍ତ ହୋଇପାରେ।

ସାବିତ୍ରୀ ମହାକାବ୍ୟର ନିର୍ଦ୍ଦେଶାନୁସାରେ ଜଣେ ସାଧକର ଆତ୍ମା ସତ୍ୟବାନଙ୍କ ସହିତ ଏକୀଭୂତ ହେବା ଆବଶ୍ୟକ, ଯିଏକି ପରମାତ୍ମାଙ୍କର ଜୀବନ୍ତ ବିଗ୍ରହ ଏବଂ ସେ ନିଜର ଅରୂପାନ୍ତରୀତ ପ୍ରକୃତିକୁ ସାବିତ୍ରୀଙ୍କ ସହିତ ଏକୀଭୂତ କରିବା, ଯିଏ ପରା ପ୍ରକୃତିର ଜୀବନ୍ତ ବିଗ୍ରହ। ତା’ ହେଲେ ଜଣେ ସତ୍ୟବାନଙ୍କ ମୁଖା ପରିଧାନ କରିପାରିବ ଏବଂ ହୃଦୟରେ ଦ୍ୱୈତ ଅବତାର ଏବଂ ତାଙ୍କର ଦିବ୍ୟପ୍ରେମକୁ ଧାରଣ କରିବା ପାଇଁ ସମର୍ଥ ହେବ।

ଓଁ ତତ୍ ସତ୍







ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com